# ଜୟପୁର ଇକୋକ୍ଲବ ପିଲାମାନଙ୍କ ଦ୍ୱାରା ଜଙ୍ଗଲ ସଂରକ୍ଷଣ

କୋରାପୁଟ ଜିଲ୍ଲାର ଜୟପୁର ସରକାରୀ ହାଇସ୍କୁଲର ପିଲାମାନଙ୍କ ପ୍ରଚେଷ୍ଟାରେ କ୍ଷୟ ପ୍ରାପ୍ତ ହେଉଥିବା ନିକଟସ୍ଥ ଜଙ୍ଗଲ ରକ୍ଷା ହୋଇଛି । ଏହି କାର୍ଯ୍ୟକ୍ରମରେ ୫୦ ଜଣ ଇକୋକ୍ଲବ ପିଲା ଓ ବନ ସଂରକ୍ଷଣ ସମିତି ସାମିଲ ହୋଇ ବିଭିନ୍ନ ବୃକ୍ଷରୋପଣ ଓ ତାର ଯତ୍ନ ନେଇଛନ୍ତି । ଏହା ବ୍ୟତୀତ ଅନ୍ୟାନ୍ୟ ସ୍ଥାନରେ ଗତ ଦୁଇବର୍ଷ ଭିତରେ ପ୍ରାୟ ୫୦୦୦ ଚାରା ବୃକ୍ଷରୋପଣ କରିଛନ୍ତି । ଯାହାପାଇଁ ଓଡିଶା ସରକାରଙ୍କ ତରଫରୁ ଏହି ସ୍କୁଲକୁ ରାଜ୍ୟ ଜଙ୍ଗଲ ପୁରସ୍କାର ପାଇଁ ମନୋନୀତ କରାଯାଇଛି ।